بسم الله الرحمٰن الرحيم

**ଖୁତବା ଜୁମା ୨୩ ଅକ୍ଟୋବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

***ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ଼ରତ୍ ମୁଆଜ଼୍ ବିନ୍ ଜବଲ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।***

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍‌ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜ଼ୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ ଆଜି ଯେଉଁ ସାହାବୀଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହେଲା ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ । ତାଙ୍କ ପିତାଙ୍କ ନାମ ଜବଲ୍ ବିନ୍ ଉମ୍ରୋ ଥିଲା । ସେ ଅତ୍ୟନ୍ତ ଧବଳ, ସୁନ୍ଦର ମୁଖମଣ୍ଡଳ ଏବଂ ତାଙ୍କ ଦନ୍ତ ଚମକଦାର ଓ ଚକ୍ଷୁ ଉଜ୍ଜ୍ୱଳ୍ୟମୟ ଥିଲା । ସେ ନିଜ ସଂପ୍ରଦାୟରେ ସମସ୍ତ ଯୁବକମାନଙ୍କ ଠାରୁ ଅଧିକ ସୁନ୍ଦର ତଥା ବଦାନ୍ୟ ବ୍ୟକ୍ତି ଥିଲେ । ଅବୁ ନଇମ୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ମୁଆଜ଼୍ ର.ଅ ଅନସାରର ଯୁବକମାନଙ୍କ ମଧ୍ୟରୁ କୋମଳ ହୃଦୟ ଏବଂ ଲାଜୁକୁରିଆ ତଥା ବଦାନ୍ୟତାରେ ସର୍ବୋତ୍ତମ ବ୍ୟକ୍ତି ଥିଲେ । ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ ବୈଅତେ ଅକ୍‌ବା ସାନିୟାରେ ୭୦ ଜଣ ଅନସାର୍‌ଙ୍କ ସହିତ ସାମିଲ ହୋଇଥିଲେ ଏବଂ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସମୟରେ ତାଙ୍କୁ ମାତ୍ର ୧୮ ବର୍ଷ ବୟସ ହୋଇଥିଲା । ମୁଆଜ଼୍ ବିନ୍ ଜବଲ୍ ର.ଅ ବଦର୍, ୱହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ ସ.ଅଙ୍କ ସହିତ ସାମିଲ ଥିଲେ । ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ, ସେତେବେଳେ ତାଙ୍କୁ ୨୦ କିମ୍ବା ୨୧ ବର୍ଷ ବୟସ ହୋଇଥିଲା । ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ହଜ଼ରତ ମୁଆଜ଼ ବିନ୍ ଜବଲ୍ ର.ଅ ବନୁ ସଲ୍‌ମାର ଯୁବକମାନଙ୍କ ସହିତ ମିଶି ବନୁ ସଲ୍‌ମାର ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଦେଇଥିଲେ ।

ମକ୍କା ବିଜୟ ପରେ ରସୁଲୁଲ୍ଲାଃ ସ.ଅ ହୁନୈନ୍ ଅଭିମୁଖେ ବାହାରି ପଡ଼ିଥିଲେ । ସେତେବେଳେ ହୁଜୁର ସ.ଅ ନିଜ ପଛରେ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅଙ୍କୁ ମକ୍କାରେ ଛାଡ଼ି ଯାଇଥିଲେ । କାରଣ ସେ ଯେପରି ମକ୍କାବାସୀଙ୍କୁ ଧର୍ମ ସଂପର୍କରେ ଶିକ୍ଷା ଦେଇପାରିବେ ଏବଂ କୁରଆନ ପଢେଇବେ । ହଜ଼ରତ ମୁଆଜ଼ ବିନ୍ ଜବଲ୍ ର.ଅ ତବୁକ୍ ଯୁଦ୍ଧରେ ଭରପୁର ରୂପେ ଅଂଶଗ୍ରହଣ କରିଥିଲେ । କତାଦା ବର୍ଣ୍ଣନା କରନ୍ତି ଯେ, ମୁଁ ହଜ଼ରତ ଅନସ୍ ର.ଅଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ଆଁହଜ଼ରତ ସ.ଅଙ୍କ ସମୟରେ ୪ ଜଣ ବ୍ୟକ୍ତି କୁରଆନ ଏକତ୍ରିତ କରିଥିଲେ । ସେମାନେ ସମସ୍ତେ ଅନସାର୍ ଥିଲେ । ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ, ହଜ଼ରତ ଉବୈ ବିନ୍ କାଆବ୍ ର.ଅ, ହଜ଼ରତ ଜ଼ୈଦ୍ ବିନ୍ ସାବିତ୍ ର.ଅ ଓ ହଜ଼ରତ ଅବୁ ଜ଼ୈଦ୍ ର.ଅ । ହଜ଼ରତ ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜ଼ରତ ସ.ଅଙ୍କୁ ଏହା କହୁଥିବାର ଶୁଣିଲି

ଯେ, ତୁମେମାନେ ୪ ଜଣ ବ୍ୟକ୍ତିଙ୍କ ଠାରୁ କୁରଆନ କରୀମ୍ ଶିକ୍ଷା କର । ସେମାନେ ଯଥାକ୍ରମେ ହେଲେ ଇବ୍‌ନେ ମସଉଦ୍ ର.ଅ, ଅବୁ ହୁଜୈଫାଙ୍କର ଦାସ ସାଲିମ୍ ର.ଅ, ଉବେି ବିନ୍ କାଆବ୍ ର.ଅ ଓ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ ।

ହଜ଼ରତ ଅନସ୍ ବିନ୍ ମାଲିକ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ ମୋର ସଂପ୍ରଦାୟରେ ସମସ୍ତଙ୍କ ଠାରୁ ଅଧିକ ବୈଧ ଓ ଅବୈଧ ବିଷୟରେ ବିଜ୍ଞ ବ୍ୟକ୍ତି ହେଉଛନ୍ତି ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ। ଦିନେ ନବୀ କରୀମ୍ ସ.ଅ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅଙ୍କର ହାତ ଧରି କହିଲେ ଯେ, ହେ ମୁଆଜ଼୍ ! ମୁଁ ନିଃସନ୍ଦେହ ରୂପେ ତୁମକୁ ଭଲ ପାଏ । ହଜ଼ରତ ମୁଆଜ଼୍ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ମୁଁ ମଧ୍ୟ ଆପଣଙ୍କୁ ଭଲ ପାଏ । ହୁଜ଼ୁର ସ.ଅ କହିଲେ ହେ ମୁଆଜ଼୍ ! ମୁଁ ତୁମକୁ ତାଗିଦ୍ କରୁଛି ଯେ, ପ୍ରତ୍ୟେକ ନମାଜ଼ ପରେ ଏହି (ଦୁଆଟି) ଜପ କରିବ اَللّٰهُمَّ اَعِنِّي عَلٰى ذِكْرِكَ وَ شُكْرِكَ وَ حُسْنِ عِبَادَتِكَ ଅର୍ଥାତ୍ ହେ ମୋର ପ୍ରଭୁ ତୁମ ଭକ୍ତି କରିବା ପାଇଁ ମୋର ସାହାଯ୍ୟ କର ଏବଂ ନିଜର କୃତଜ୍ଞତା ପାଇଁ ଓ ନିଜର ସୁନ୍ଦର ଉପାସନା ପାଇଁ ମଧ୍ୟ । ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ କ'ଣ ମୁଁ ତୁମମାନଙ୍କୁ ବୈକୁଣ୍ଠର ଦ୍ୱାର ମଧ୍ୟରୁ ଏକ ଦ୍ୱାର ସଂପର୍କରେ କହିବି ନାହିଁ ? ପ୍ରତ୍ୟୁତ୍ତରରେ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ କହିଲେ ଯେ, ଅବଶ୍ୟ କୁହନ୍ତୁ ରସୁଲୁଲ୍ଲାଃ ସ.ଅ । ସୁତରାଂ ଆଁହଜ଼ରତ ସ.ଅ କହିଲେ لَا حَوْلَ وَلَا قُوَّةَ اِلَّا بِاللّٰهِ ପଢିନେବ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ନବୀ କରୀମ୍ ସ.ଅଙ୍କୁ ସର୍ବୋତ୍କୃଷ୍ଟ ବିଶ୍ୱାସ ସଂପର୍କରେ ପ୍ରଶ୍ନ କରିବାରୁ ନବୀ କରୀମ୍ ସ.ଅ କହିଲେ ସର୍ବୋତ୍କୃଷ୍ଟ ବିଶ୍ୱାସ ହେଉଛି ତୁମେ ଅଲ୍ଲାଃତାଲାଙ୍କ ପାଇଁ ଅନ୍ୟକୁ ପ୍ରେମ କର ଓ ଅଲ୍ଲାଃତାଲାଙ୍କ ପାଇଁ ହିଁ ତୁମେ ଅନ୍ୟକୁ ଘୃଣା କରିପାର ଏବଂ ତୁମେ ନିଜର ତୁଣ୍ଡକୁ ଅଲ୍ଲାଃତାଲାଙ୍କ ଚର୍ଚ୍ଚାରେ ନିୟୋଜିତ କରି ରଖ । ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ କହିଲେ ହେ ଅଲ୍ଲାଃତାଲାଙ୍କ ରସୁଲ୍ ! ଆଉ କିଛି କହିବାକୁ ଅଛି କି? ହୁଜ଼ୁର ସ.ଅ କହିଲେ ତୁମେ ନିଜ ପାଇଁ ଯାହା ପସନ୍ଦ କର ତାହା ଅନ୍ୟ ଲୋକମାନଙ୍କ ପାଇଁ ମଧ୍ୟ ପସନ୍ଦ କର । ଯାହା ତୁମେ ନିଜ ପାଇଁ ନାପସନ୍ଦ କର ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ନାପସନ୍ଦ କର ।

ହଜ଼ରତ ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ମୁଆଜ଼୍ ର.ଅ ନବୀ କରୀମ୍ ସ.ଅଙ୍କ ସହିତ ନମାଜ଼୍ ପଢୁଥିଲେ । ପୁନଶ୍ଚ ସେ ଆସି ନିଜ ସାହିର ଲୋକମାନଙ୍କର ଇମାମତ୍ୱ କରୁଥିଲେ । ଆଁହଜ଼ରତ ସ.ଅଙ୍କ ସହିତ ସେ ଗୋଟିଏ ରାତ୍ରରେ ନମାଜ଼ ଇଶା ପଢିଲେ ଏବଂ ଏହାପରେ ନିଜ ଲୋକଙ୍କ ପାଖକୁ ଆସି ଇମାମତ୍ୱ କଲେ ଏବଂ ତହିଁରେ ସୁରା ବକ଼ରାର ଆବୃତ୍ତି ଆରମ୍ଭ କରିଦେଲେ । ଏହା ଦେଖି ଜଣେ ଲୋକ ଅଲଗା ହୋଇଗଲା ଏବଂ ଏକୁଟିଆ ନମାଜ଼ ପଢି ଚାଲିଗଲା । ଏହା ଦେଖି ବସ୍ତୁତଃ ଲୋକମାନେ ତାକୁ କହିଲେ ଯେ, ହେ ବ୍ୟକ୍ତି କ'ଣ ତୁମେ ମୁନାଫିକ୍ (ବହୁମୁଖୀ) ହୋଇଯାଇଛ ? ପ୍ରତ୍ୟୁତ୍ତରରେ ସେ ଆଁହଜ଼ରତ ସ.ଅଙ୍କ ନିକଟରେ ଫେରାଦ ହେଲା ଏବଂ ସମସ୍ତ ଘଟଣାକ୍ରମ ବର୍ଣ୍ଣନା କଲା । ରସୁଲ୍ କରୀମ୍ ସ.ଅ ହଜ଼ରତ ମୁଆଜ଼୍ ର.ଅଙ୍କ ଆଡ଼କୁ ମୁହାଁଇଲେ ଏବଂ କହିଲେ ହେ ମୁଆଜ଼୍ ତୁମେ କ'ଣ ଲୋକମାନଙ୍କୁ ତୁମେ କାହିଁକି ଲୋକମାନଙ୍କୁ ଧର୍ମ ସଂକଟରେ ପକାଉଛ ? ଆଁହଜ଼ରତ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅଙ୍କୁ وَالشَّمْسِ وَضُحٰهَا ଏବଂ وَاللَّيْلِ اِذَا يَغْشٰى ଓ سَبِّحِ اسْمَ رَبِّكَ الْاَعْلٰى ପରି ସୁରତ୍ ପଢିବା ପାଇଁ ନିର୍ଦ୍ଦେଶ ଦେଲେ ।

ହୁଜୁର ଅନୱର୍ ଅ.ବ କହିଲେ: ପ୍ରକୃତ ନିର୍ଦ୍ଦେଶାବଳୀ ଏହା ରହିଛି ଯେ, ବାଜମାଅତ୍ ନମାଜ଼ରେ ଦୀର୍ଘ ସୁରତ୍ ପଢେଇବା ଅନୁଚିତ । କାରଣ ନମାଜ଼ରେ ବିଭିନ୍ନ ପ୍ରକାରର ଲୋକମାନେ ସାମିଲ ହୋଇ ଥାଆନ୍ତି ଯେଉଁମାନଙ୍କ ମଧ୍ୟରେ ବୟସ୍କ, ରୋଗୀ ଏବଂ ଦିନମଜୁରିଆ ଶ୍ରେଣୀର ଲୋକମାନେ ମଧ୍ୟ ଉପସ୍ଥିତ ଥାଆନ୍ତି ।

ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ କହନ୍ତି ଯେ, ଏକଦା ମୁଁ ବାହନ ଉପରେ ଆଁହଜ଼ରତ ସ.ଅଙ୍କ ପଛରେ ବସିଥିଲି । ଆଁହଜ଼ରତ ସ.ଅ କହିଲେ ହେ ମୁଆଜ଼୍ ! ମୁଁ କହିଲି ଆଜ୍ଞା ରସୁଲୁଲ୍ଲାଃ ସ.ଅ ମୋର ସୌଭାଗ୍ୟ ମୁଁ ଉପସ୍ଥିତ ଅଛି । ଏହାପରେ ଆଁହଜ଼ରତ ସ.ଅ କିଛି ସମୟ ଚାଲିଲେ ଏବଂ କହିଲେ ହେ ମୁଆଜ଼୍! ପୁନଶ୍ଚ ମୁଁ ଉତ୍ତର ଦେଲି ଯେ, ଆଜ୍ଞା ରସୁଲୁଲ୍ଲାଃ ସ.ଅ ମୁଁ ଉପସ୍ଥିତ ଅଛି । ଏହାପରେ ଆଁହଜ଼ରତ ସ.ଅ ପୁନଶ୍ଚ କିଛି ସମୟ ଚାଲିଲେ ଏବଂ ପୁନର୍ବାର କହିଲେ ହେ ମୁଆଜ଼ ! ମୁଁ ପୁନର୍ବାର କହିଲି ଆଜ୍ଞା ରସୁଲୁଲ୍ଲାଃ ମୋର ସୌଭାଗ୍ୟ ଯେ, ମୁଁ ଉପସ୍ଥିତ ଅଛି । ଏହାପରେ ଆଁହଜ଼ରତ ସ.ଅ କହିଲେ କ'ଣ ତୁମେ ଜାଣ ଯେ, ଅଲ୍ଲାଃତାଲାଙ୍କର ଭକ୍ତ ଉପରେ କେଉଁ ସବୁ ଅଧିକାର ରହିଛି ? ମୁଁ କହିଲି ଅଲ୍ଲାଃତାଲା ଓ ତାଙ୍କର ବାର୍ତ୍ତାବହ ଭଲଭାବରେ ଜାଣନ୍ତି । ଆଁହଜ଼ରତ ସ.ଅ କହିଲେ ଅଲ୍ଲାଃତାଲାଙ୍କ ଭକ୍ତଙ୍କ ଉପରେ ଏହି ଅଧିକାର ରହିଛି କି ଭକ୍ତଗଣ ନିଜ ସୃଷ୍ଟିକର୍ତ୍ତାଙ୍କର ଉପାସନା ଓ ଆରାଧନା କରିବେ ଏବଂ ତାଙ୍କ ସହିତ ଅନ୍ୟ କାହାରିକୁ ବି ସମକକ୍ଷ କରିବେ ନାହିଁ । ପୁନଶ୍ଚ ନବୀ କରୀମ୍ ସ.ଅ କିଛି ସମୟ ଚାଲିଲେ ଏବଂ କହିଲେ ହେ ମୁଆଜ଼୍ ! ମୁଆଜ଼୍ ର.ଅ କହିଲେ ଆଜ୍ଞା ରସୁଲୁଲ୍ଲାଃ ସ.ଅ ମୋର ସୌଭାଗ୍ୟ ଯେ, ମୁଁ ଆପଣଙ୍କ ନିକଟରେ ଉପସ୍ଥିତ ଅଛି, ଆଦେଶ ଦିଅନ୍ତୁ ମହାଭାଗ । ଆଁହଜ଼ରତ ସ.ଅ କହିଲେ କ'ଣ ତୁମେ ଜାଣ ଯେ, ଭକ୍ତମାନଙ୍କର ଅଲ୍ଲାଃତାଲାଙ୍କ ଉପରେ କ'ଣ ଅଧିକାର ରହିଛି ? ପ୍ରତ୍ୟୁତ୍ତରରେ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ କହିଲେ ଅଲ୍ଲାଃତାଲା ଓ ତାଙ୍କର ବାର୍ତ୍ତାବହ ଭଲଭାବରେ ଜାଣନ୍ତି । ଆଁହଜ଼ରତ ସ.ଅ କହିଲେ ଭକ୍ତମାନଙ୍କର ଅଲ୍ଲାଃତାଲାଙ୍କ ଉପରେ ଏହି ଅଧିକାର ରହିଛି ଯେ, ଭଗବାନ ଭକ୍ତମାନଙ୍କୁ ଶାସ୍ତି ନଦିଅନ୍ତୁ ଏବଂ ତାହା ସହିତ ଦୟା ଓ କ୍ଷମା ଆଚରଣ ପ୍ରଦର୍ଶନ କରନ୍ତୁ ।

ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ମୁଁ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲି ହେ ଅଲ୍ଲାଃଙ୍କ ରସୁଲ ! ଆପଣ ମୋତେ ଏଭଳି କର୍ମ ସଂକ୍ରାନ୍ତରେ କହନ୍ତୁ ଯାହା ମୋ ପାଇଁ ବୈକୁଣ୍ଠରେ ପ୍ରବେଶ କରାଇବାରେ ସହାୟକ ହୋଇପାରିବ ଏବଂ ମୋତେ ନର୍କାଗ୍ନିରୁ ଦୂରେଇ ଦେବ । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କହିଲେ ଯେ, ତୁମେ ତ' ବହୁତ ବଡ଼ (କଷ୍ଟ) ପ୍ରଶ୍ନଟିଏ ପଚାରିଦେଲ । ଉକ୍ତ କଥାଟି ସେହି ବ୍ୟକ୍ତି ପାଇଁ ସହଜ ତଥା ସରଳ ହୋଇପାରିବ ଯାହା ପାଇଁ ଅଲ୍ଲାଃତାଲା ସରଳତା ଉତ୍ପନ୍ନ କରିଦେବେ । ପୁନଶ୍ଚ ନବୀ କରୀମ୍ ସ.ଅ କହିଲେ ଯେ, ଅଲ୍ଲାଃତାଲାଙ୍କର ଉପାସନା କର ଏବଂ ତାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରିବ ନାହିଁ, ନମାଜ଼ ପଢ, ଜ଼କାତ୍ ଦିଅ, ରମଜ଼ାନ୍‌ର ରୋଜ଼ା ରଖ ଏବଂ ବୈତୁଲ୍ଲାଃର ପରିକ୍ରମା କର । ପୁନଶ୍ଚ ହୁଜ଼ୁର ସ.ଅ କହିଲେ ମୁଁ ତୁମକୁ ମଙ୍ଗଳ ଦ୍ୱାର ସଂପର୍କରେ ସୂଚିତ କରିବି ନାହିଁ ? ହୁଜୁର ସ.ଅ କହିଲେ ରୋଜ଼ା ତୁମ ପାଇଁ ସାଞ୍ଜୁ ସଦୃଶ ଅଟେ ଏବଂ ଦାନ ଧ୍ୟାନ କରିବା ପାପକୁ ଏଭଳି ଅପସାରଣ କରିଦିଏ ଯେପରି ଜଳ ଅଗ୍ନିକୁ ନିର୍ବାପିତ କରି ଦେଇଥାଏ ଏବଂ ରାତ୍ରର ମଧ୍ୟବର୍ତ୍ତୀ ସମୟରେ ବ୍ୟକ୍ତିର ନମାଜ଼ ପଢିବା ଅର୍ଥାତ ତହଜ୍ଜୁଦ୍ ପଢିବ । ପୁନଶ୍ଚ ହୁଜ଼ୁର ସ.ଅ କହିଲେ କି ମୁଁ ତୁମମାନଙ୍କୁ ସେହି ସମସ୍ତ ପ୍ରସଙ୍ଗର ସାରାଂଶ ବିଷୟରେ ଏହା କହିବାକୁ ଚାହୁଁଛି ଯେ, ଉପରୋକ୍ତ ସମସ୍ତ ପ୍ରସଙ୍ଗର ସାରାଂଶ

ହେଉଛି ଜିହାଦ୍ । ପୁନଶ୍ଚ କହିଲେ କ'ଣ ମୁଁ ତୁମକୁ ଏଭଳି କଥା କହିବି ନାହିଁ ଯାହା ଉପରେ ଉକ୍ତ କଥା ନିର୍ଭରଶୀଳ ଅଟେ । ମୁଁ କହିଲି ଅବଶ୍ୟ କହନ୍ତୁ ହେ ଅଲ୍ଲାଃଙ୍କ ରସୁଲ ! ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ ନିଜର ତୁଣ୍ଡକୁ ଧରିଲେ ଏବଂ କହିଲେ ଯେ, ଏହି ତୁଣ୍ଡକୁ ସର୍ବଦା ଅଟକେଇ ରଖିବ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ କ'ଣ ଆମମାନେ ତାହାଲାଗି ଦଣ୍ଡିତ ହେବୁ ? ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କହିଲେ ହେ ମୁଆଜ୍ ଈଶ୍ୱର ତୁମର ମଙ୍ଗଳ କରନ୍ତୁ । ଏହି ତୁଣ୍ଡ ମନୁଷ୍ୟକୁ କେବଳ ନର୍କାଗ୍ନିରେ ନିକ୍ଷେପ କରି ନଥାଏ କିନ୍ତୁ ତାହା ସେମାନଙ୍କର ତୁଣ୍ଡର କଟା ହୋଇଥିବା ଫସଲ ସଦୃଶ । ହଜ଼ରତ କାଆବ୍ ବିନ୍ ମାଲିକ୍ ର.ଅ କହୁଥିଲେ ଯେ, ହଜ଼ରତ ମୁଆଜ଼ ବିନ୍ ଜବଲ୍ ରସୁଲୁଲ୍ଲାଃ ସ.ଅଙ୍କ ଜୀବିତାବସ୍ଥାରେ ଓ ହଜ଼ରତ ଅବୁ ବକ୍କର ର.ଅଙ୍କ ଶାସନକାଳରେ ମଦିନାରେ ଫତୁଆ (ଧର୍ମାଦେଶରେ ଆଧାରିତ ନିଷ୍ପତ୍ତି) ଦେଉଥିଲେ ।

ହଜ଼ରତ ମୁଆଜ୍ ବିନ୍ ଜବଲ୍ ର.ଅ ହଜ଼ରତ ଅବୁ ବକ୍କର ର.ଅଙ୍କ କାଳରେ ସିରିୟା ଚାଲି ଯାଇଥିଲେ ଏବଂ ସେଠାରେ ବସତି ସ୍ଥାପନ କରିଥିଲେ । ହଜ଼ରତ ମୁଆଜ୍ ବିନ୍ ଜବଲ୍ ଯେତେବେଳେ ସିରିୟା ଅଭିମୁଖେ ବାହାରିଲେ ସେତେବେଳେ ହଜ଼ରତ ଉମର୍ ର.ଅ କହିଲେ ଯେ, ସେମାନଙ୍କ ପ୍ରସ୍ଥାନ ଏବଂ ମଦିନାବାସୀଙ୍କୁ ଫିକା ତଥା ଅନ୍ୟାନ୍ୟ ସମସ୍ୟା ପ୍ରସଙ୍ଗରେ ଫତୱା ଦେଉଥିଲେ ତାହା ଆମମାନଙ୍କୁ ଅନାଥ କରିଦେବ । ହଜ଼ରତ ମୁଆଜ୍ ବିନ୍ ଜବଲ୍ ର.ଅ ଯେତେବେଳେ ରାତ୍ରରେ ନମାଜ୍ ତହଜ୍ଜୁଦ୍ ପଢୁଥିଲେ ସେତେବେଳେ ସେ ଏହି ଦୁଆ ମାଗୁଥିଲେ ଯେ, ହେ ଅଲ୍ଲାଃ ! ଚକ୍ଷୁ ନିଘୋଡ଼ ନିଦ୍ରାରେ ନିଦ୍ରିତ ଅଛନ୍ତି ଅର୍ଥାତ ଲୋକମାନେ ଶୟନ କରୁଛନ୍ତି ଏବଂ ତାରକାମାନେ ଝିଲିମିଲି ହେଉଛନ୍ତି, ତେବେ ହେ ଚୀର ଜୀବିତ ଏବଂ ଚୀର ସ୍ଥାୟୀ ଅଲ୍ଲାଃ ମୋର ବୈକୁଣ୍ଠ ପ୍ରାପ୍ତିର ଅଭିଳାଷା ଶିଥିଳ ରହିଛି ଏବଂ ଅଗ୍ନିର ଶାସ୍ତିରୁ ବର୍ତ୍ତି ରହିବା ମୋ ପକ୍ଷେ କଷ୍ଟସାଧ । ହେ ଅଲ୍ଲାଃ ! ମୋ ପାଇଁ ତୁମ୍ଭେ ପଥ ପ୍ରଦର୍ଶନ କର । ଯାହା ପ୍ରଳୟ ଦିବସରେ ତୁମ୍ଭେ ମୋତେ ଫେରସ୍ତ କରିଦେବ । ନିଃସନ୍ଦେହ ରୂପେ ତୁମ୍ଭେ ପ୍ରତିଶ୍ରୃତି ଭଙ୍ଗକାରୀ ନୁହଁ । ହଜ଼ରତ ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ ଯେଉଁ ବ୍ୟକ୍ତି ବି ନିଜର ହୃଦୟର ଅତଳ ଗହ୍ୱରରୁ ଏହି ସାକ୍ଷ୍ୟ ଦିଏ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହେଁ ଏବଂ ମୁହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କର ରସୁଲ୍ ଅଟନ୍ତି ତେବେ ସେହି ବ୍ୟକ୍ତି ଉପରେ ନର୍କାଗ୍ନି ନିଶ୍ଚିତ ଉପରେ ନିଷିଦ୍ଧ କରି ଦିଆଯିବ । ସେ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଏ ସଂକ୍ରାନ୍ତରେ ଲୋକମାନଙ୍କୁ ସୂଚିତ କରିବି ନାହିଁ ? ଯଦ୍ୱାରା ଲୋକମାନେ ପ୍ରସନ୍ନ ହୋଇଯିବେ । ମୁଁ ଲୋକମାନଙ୍କୁ ସୂଚିତ କରିଦେବି କି ? ହୁଜ଼ୁର ସ.ଅ କହିଲେ ତାହାହେଲେ ସେମାନେ ଏହିଥିରେ ଭରସା କରିନେବେ ଏବଂ ସେମାନେ ଏହା ବୁଝିବେ ଯେ, ଏତିକି ମାତ୍ର କହିବା ଦ୍ୱାରା ଯଦି ସ୍ୱର୍ଗ ମିଳିଯାଆନ୍ତା ତେବେ ଅନ୍ୟ ପୁଣ୍ୟଗୁଡ଼ିକୁ କାହିଁକି କରିବୁ । ଏଣୁ ତୁମେ ଲୋକମାନଙ୍କୁ ଏହି କଥା କୁହ ନାହିଁ । ହଜ଼ରତ ମୁଆଜ୍ ର.ଅ ମଧ୍ୟ ଆଁହଜ଼ରତ ସ.ଅଙ୍କର ଏହି ଆଦେଶକୁ ସମ୍ପୂର୍ଣ୍ଣ ରୂପେ ସମ୍ମାନ ଜଣାଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ କଥାକୁ ଲୋକଙ୍କୁ ନ କହିବାକୁ ତାଗିଦ୍ କରିଥିଲେ ।

ହଜ଼ରତ ମୁଆଜ୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଆମମାନଙ୍କୁ ତବୁକର ଝରଣା ପାଖରେ ପହଞ୍ଚିବାକୁ ଆଦେଶ ଦେଲେ ଏବଂ କହିଲେ ଯେପର୍ଯ୍ୟନ୍ତ ମୁଁ ସେଠାରେ ପହଞ୍ଚି ନାହିଁ ସେପର୍ଯ୍ୟନ୍ତ ଝରଣାର ଜଳକୁ ସ୍ପର୍ଶ କରିବ ନାହିଁ । ଝରଣାର ସ୍ରୋତ ଖୁବ୍ ମନ୍ଥର ଥିଲା ବର୍ଣ୍ଣନାକାରୀ କହନ୍ତି ଯେ, ଲୋକମାନେ ଉକ୍ତ ଝରଣାରୁ ସ୍ୱହସ୍ତରୁ ଅଳ୍ପ ଅଳ୍ପ କରି ପାଣି କାଢିଲେ ଏପର୍ଯ୍ୟନ୍ତକି ଗୋଟିଏ ବାସନରେ

କିଛି ଜଳ ଏକତ୍ରିତ କରିଦେଲେ । ବର୍ଣ୍ଣନାକାରୀ କହନ୍ତି ଯେ, ଏହାପରେ ରସୁଲୁଲ୍ଲାଃ ସ.ଅ ନିଜର ଦୁଇ ହାତକୁ ସେହି ଜଳରେ ଧୋଇଲେ ଏବଂ ନିଜର ମୁଖମଣ୍ଡଳକୁ ଧୋଇ ଅବଶିଷ୍ଟାଂଶ ଜଳକୁ ସେହି ଝରଣା ଜଳ ଧାରରେ ମିଶାଇ ଦେଲେ । ଅର୍ଥାତ ସେହି ଝରଣାର ପୃଷ୍ଠ ଭାଗରେ ବସି ହାତ ଓ ମୁହଁ ଧୋଇଲେ ଯଦ୍ୱାରା ଶରୀରରୁ ବହିଯାଉଥିବା ଜଳ ପୁନର୍ବାର ସେହି ଝରଣାରେ ମିଶି ଯାଉଥିଲା । ଇତି ମଧ୍ୟରେ ଝରଣାର ସ୍ରୋତଟି ପ୍ରଖର ହେବାକୁ ଲାଗିଥିଲା । ଏପରିକି ଲୋକମାନଙ୍କର କ୍ଷୁଧା ତୃଷାର୍ତ୍ତ ହୋଇଗଲା । ପୁନଶ୍ଚ ହୁଜୁର ସ.ଅ କହିଲେ ହେ ମୁଆଜ୍ ! ଯଦି ତୁମେ ଦୀର୍ଘାୟୁ ହୁଅ ସେତେବେଳେ ତୁମେ ଏହା ଅବଲୋକନ କରିବ ଯେ, ଉକ୍ତ ସ୍ଥାନଟି ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଛି । ଇବ୍ନେ ୱସା କହନ୍ତି ଯେ, ମୁଁ ସେହି ଝରଣାର ଆଖପାଖର ସେହି ସମସ୍ତ ସ୍ଥାନକୁ ଦେଖିଛି । ସେଠାରେ ବୃକ୍ଷଲତା ଆଦିରେ ପରିପୂର୍ଣ୍ଣ ସବୁଜିମା ଏବଂ ହରିତାବସ୍ଥା ଏତେ ମାତ୍ରାରେ ଭରିଥିଲା ଯେ, ବୋଧ ହୁଏ ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଜାରି ରହିବ ଏବଂ ଯେପରି ଆଁହଜରତ୍ ସ.ଅଙ୍କର ଭବିଷ୍ୟବାଣୀ ଥିଲା । ତାହା ଅକ୍ଷର ଅକ୍ଷରେ ପୂରଣ ହୋଇଛି । ହଜରତ ମୁଆଜ୍ ବିନ୍ ଜବଲ୍ ର.ଅଙ୍କ ସଂପର୍କିତ ପରବର୍ତ୍ତୀ ଚର୍ଚ୍ଚା ଇନ୍ଶାଅଲ୍ଲାଃ ଆଗାମୀ ଖୁତ୍ବାରେ ଆଲୋଚନା ହେବ ।

ଖୁତ୍ବା ଜୁମାର ଶେଷ ପର୍ଯ୍ୟାୟରେ ହୁଜୁର ଅନୱର୍ ଅ.ବ ସମ୍ମାନନୀୟ ସ୍ୱର୍ଗତ ଫର୍ଜାନ୍ ଅହେମଦ୍ ଖାନ୍ ସାହେବ୍ ମୁବଲ୍ଲିଗ୍ ସିଲସିଲା ଓଡ଼ିଶା, ସମ୍ମାନନୀୟ ସ୍ୱର୍ଗତ ଅବ୍ଦୁଲ୍ଲାଃ ମୋସିକିଓ ସାହେବ ଆଞ୍ଚଳିକ ମିଶନାରୀ ମାଲେସିଆ ଏବଂ ସମ୍ମାନନୀୟ ସ୍ୱର୍ଗତ ଅବଦୁଲ୍ ୱାହିଦ୍ ସାହେବ ମୁଅଲ୍ଲିମ୍ ସିଲସିଲାଙ୍କର ପୁଣ୍ୟ ଗୁଣାବଳୀ ବିଷୟରେ ଚର୍ଚ୍ଚା କଲେ । ନମାଜ୍ ଜୁମା ପରେ ହୁଜୁର ଅନୱର ଅ.ବ ଉପରୋକ୍ତ ସ୍ୱର୍ଗତଙ୍କର ନମାଜ୍ ଯନାଜାଃ ଗାଏବ୍ ପଢେଇଲେ ।

---

**ଅଲ୍ହମ୍ଦୁ ଲିଲ୍ଲାହି ନହ୍ମଦୁହୁ ୱ ନସ୍ତଇନୁହୁ ୱନସ୍ତଗ୍ଫିରୁହୁ ୱନୁମିନୁ ବିହି ୱନତୱକ୍କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍ଲିଲ୍ହୁ ଫଲା ହାଦିୟା ଲହୁ ୱନଶ୍ହଦୁ ଅନ୍ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍ଲେ ୱଲ୍ ଇହ୍ସାନି ୱଇତାଇଜିଲ୍ କୁର୍ବା ୱୟନ୍ହା ଅନିଲ୍ ଫହ୍ଶାଇ ୱଲ୍ ମୁନ୍କରି ୱଲ୍ ବଗ୍ଇ ୟଇଜୁକୁମ୍ ଲାଅଲ୍ଲକୁମ୍ ତଜକ୍ କରୁନା ଉଯ୍କୁରୁଲ୍ଲାହ୍ ୟଜ୍କୁରୁକୁମ୍ ୱଦ୍ଉହୁ ୟସ୍ତଜିବ୍ ଲକୁମ୍ ୱଲଜିକ୍ରୁଲ୍ଲାହି ଅକ୍ବର୍ ।**

..........................

KHULASA KHUTBA JUMA HUZOOR ANWAR a.b.a

23rd Oct 2020